ଧରିତ୍ରୀ
DHARITRI
ଶୁକ୍ରବାର, ଅକ୍ଟୋବର ୯, ୨୦୨୦



# ଘୁମୁସର ବନଖଣ୍ଡରେ ୬୬ ହାତୀ

ଭଞ୍ଜନଗର,୮।୧୦(ଡି.ଏନ.ଏ)

- ଉପଦ୍ରବରେ ଚାଷୀ ଚିନ୍ତିତ
- ଜଣେ ଡେପୁଟି ରେଞ୍ଜର ୨ ରେଞ୍ଜ ଦାୟିତ୍ୱରେ

ଭଞ୍ଜନଗର ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ହାତୀ ଆତଙ୍କ ଦେଖାଦେଇଛି। କରୋନା ଯୋଗୁ ଚାଷୀଙ୍କ ଆର୍ଥିକସ୍ଥିତି ଭଲ ନଥିବା ବେଳେ ହାତୀ ଉପଦ୍ରବ ଏହାକୁ ଦ୍ୱିଗୁଣିତ କରିଛି। ବର୍ତ୍ତମାନ କେତକ ସ୍ଥାନରେ ଧାନ ଥୋଡ ଧରିଥିବା ବେଳେ ଆଉ କେତକ ସ୍ଥାନରେ ଧାନ ବାହାରିବା ଆରମ୍ଭ ହେଲାଣି। ଫଳରେ ହାତୀମାନେ ଜଙ୍ଗଲରୁ ବାହାରି ଫସଲ ନଷ୍ଟ କରିବା ଆରମ୍ଭ କଲେଣି। ବୁଧବାର ରାତିରେ ମୁଜାଗଡ ରେଞ୍ଜର ବୁଦୁଲିରେ ଗୋଟିଏ ଦନ୍ତା ଜମିରେ ପଶି ଧାନ ଫସଲ ନଷ୍ଟ କରିଛି। ସେହିଭଳି ମୁଜାଗଡ ଗ୍ରାମ ନିକଟରେ ୯ଟି ହାତୀ ଆତଙ୍କ ଖେଳାଇଥିଲେ। ସୋମବାର ରାତିରେ ଗୁଣ୍ଡିରିବାଡିରେ ମଧ୍ୟ ହାତୀ ଏକାଧିକ ଚାଷୀଙ୍କ ଧାନ ଓ ପନିପରିବା ଫସଲ ନଷ୍ଟ କରିଛି। ହାତୀ ଘଉଡାଇବାକୁ ଯାଇଥିବା ବନ ବିଭାଗ କର୍ମଚାରୀ ରାତିରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

କିନ୍ତୁ ମୁଜାଗଡ ରେଞ୍ଜର ହାତୀ ଫସଲ ନଷ୍ଟ କରିବା ଖବରକୁ ଖଣ୍ଡନ କରିଛନ୍ତି। ବୁଧବାର ସୁଦ୍ଧା ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ୪୫ ହାତୀ ଥିବାବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ୨୧ ହାତୀ ଥିବା ଜଣାପଡିଛି। ଦକ୍ଷିଣ ଘୁମୁସର ବନଖଣ୍ଡର ବୁଗୁଡା ରେଞ୍ଜରେ ୮ ଓ ସୋରଡା ରେଞ୍ଜରେ ୧୩ ହାତୀ ଥିବା ଜଣାପଡିଛି। ଉତ୍ତର ଘୁମୁସର ବନଖଣ୍ଡରେ ମୁଜାଗଡ ରେଞ୍ଜରେ ୯ଟି, ତାରସିଂରେ ୨୩, ଜଗନ୍ନାଥପ୍ରସାଦ ରେଞ୍ଜରେ ୧୩ଟି ଛୋଟବଡ ହାତୀ ଥିବା ଜଣାପଡିଛି। ଅନ୍ୟପଟେ ହାତୀ ଘଉଡାଇବାକୁ କେତକ ସେକ୍ସନରେ କର୍ମଚାରୀମାନେ ଚାଷୀଙ୍କୁ ଆବଶ୍ୟକ ସହଯୋଗ କରୁନଥିବା ଅଭିଯୋଗ ହେଉଛି। କର୍ମଚାରୀମାନେ କର୍ମସ୍ଥଳ ଛାଡି ସହରରେ ରହିବାକୁ ପସନ୍ଦ କରୁଛନ୍ତି। ଉତର ଘୁମୁସର ବନଖଣ୍ଡର ଗାଲେରୀ ଏବଂ ଜଗନ୍ନାଥପ୍ରସାଦ ୨ଟି ଗୁରୁତ୍ୱପୂର୍ଣ୍ଣ ରେଞ୍ଜ ହୋଇଥିଲେ ମଧ୍ୟ ଆଜକୁ ୨ବର୍ଷରୁ ଊର୍ଦ୍ଧ ଦିନ ହେବ ରେଞ୍ଜର ପଦବୀ ଖାଲିପଡିଛି। ଜଣେ ଡେପୁଟି ରେଞ୍ଜର ଉଭୟ ରେଞ୍ଜ ଦାୟିତ୍ୱରେ ଅଛନ୍ତି। ସେ ୨ଟି ଯାକ ରେଞ୍ଜ ପାଇଁ ଆବଶ୍ୟକ ସମୟ ଯୋଗାଇ ଦେଇପାରୁନାହାନ୍ତି। ଏହାର ସୁଯୋଗ ନେଇ ନିର୍ଦ୍ଦିଷ୍ଟ କିଛି କର୍ମଚାରୀ କର୍ମକ୍ଷେତ୍ରରେ ଅବହେଳା କରୁଛନ୍ତି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅନ୍ୟପଟେ ହାତୀ ଉପଦ୍ରବକୁ କିଭଳି ମୁକାବିଲା କରାଯିବ ସେନେଇ ଉଭୟ ବନଖଣ୍ଡ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ବିଭାଗ ପକ୍ଷରୁ ସୁଚନା ଦିଆଯାଇଛି। ବନ ସୁରକ୍ଷା ସମିତି ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଉଛି। କର୍ମଚାରୀମାନେ ମଧ୍ୟ ରେଞ୍ଜ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ସତର୍କ ରହୁଛନ୍ତି। ହାତୀର ସୁଚନା ମିଳିବା କ୍ଷଣି କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ହାତୀ ଘଉଡାଇବା ବ୍ୟବସ୍ଥା କରୁଛନ୍ତି। କାମ୍ପା ଯୋଜନାରେ ରେଞ୍ଜ ଗୁଡିକରେ ଥିବା ଗାଡି ଗୁଡିକ ବନ୍ଦ କରି ଦିଆଯାଇଛି। କାମ୍ପା ଯୋଜନାରେ ସରକାରୀ ଗାଡିରେ ଆଉ ପେଟ୍ରୋଲ ଡିଜେଲ ପକାଇବା ସେପ୍ଟେମ୍ବର ମାସରୁ ବନ୍ଦ ହୋଇଯାଇଛି। ବର୍ତ୍ତମାନ ଅନ୍ୟ ଯୋଜନାରେ ଥିବା ଗାଡି ଗୁଡିକ ହାତୀ ଘଉଡାଇବାରେ ନିୟୋଜିତ ଅଛି। ଏନେଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରାଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତିଯେ ହାତୀ ଉପଦ୍ରବକୁ ରୋକିବା ପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଯାହାକିଛି ଅଭାବ ଅଛି ତାର ସମାଧାନ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି।


ଗୁଣ୍ଡିରିବାଡିରେ ହାତୀ ଫସଲ ନଷ୍ଟ କରିଛି।

## ସଂକ୍ଷେପରେ

### ପ୍ଲାଜ୍ମା ଦାନ କଲେ କଲେଜ ଛାତ୍ର

ପାତ୍ରପୁର,୮।୧୦(ଡି.ଏନ୍.ଏ.)- ପାତ୍ରପୁର ବ୍ଲକ ବମକେଇ ଗ୍ରାମର ସୁରେଶ ଦ୍ୟାନ ସାମନ୍ତରାଙ୍କ ପୁଅ ରାଜ ଶେଖର ଦ୍ୟାନ ସାମନ୍ତରା ଗୁରବାର ପ୍ଲାଜ୍ମା ଦାନ କରିଛନ୍ତି । ସେ ଯୁକ୍ତ ଦୁଇ ବାଣିଜ୍ୟରେ ବ୍ରହ୍ମପୁର କଲେଜରେ ଅଧ୍ୟୟନ କରୁଥିବା ବେଳେ ଗତ ଅଗଷ୍ଟ ୩୦ରେ କରୋନା ଆକ୍ରାନ୍ତ ହୋଇଥିଲେ। ସୁସ୍ଥ ହେବା ପରେ ସେ ପରିବାର ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ପ୍ଲାଜ୍ମା ଦାନ କରିଥିଲେ।

### ୭ ଜୁଆଡ଼ି ଗିରଫ, ୧୩୮୪୦ ଟଙ୍କା ଜବତ

ଦିଗପହଣ୍ଡି,୮।୧୦(ଡି.ଏନ୍.ଏ.)- ଦିଗପହଣ୍ଡି ପୋଲିସ ବୁଧବାର ରାତିରେ ଏକ ଜୁଆ ଆଡ୍ଡାରୁ ୭ ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ତାସ ମୁଠା, ଜରିପାଲ ସହ ୧୩,୮୪୦ ଟଙ୍କା ଜବତ କରାଯାଇଛି। ଦିଗପହଣ୍ଡି ବ୍ଲକ ଖାମାରି ଗାଁ ପଞ୍ଚାୟତ ଗୋ ଲଣ୍ଡା ଗାଁ ବାତ୍ୟା ଆଶ୍ରୟ ସ୍ଥଳରେ ଦୀର୍ଘଦିନ ଧରି ଚାଲିଥିବା ଜୁଆ ଆଡ୍ଡାରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ଜୁଆଡ଼ିଙ୍କୁ ଧରିଥିଲା। ଅନ୍ୟ କେତେଜଣ ଅନ୍ଧାରର ସୁଯୋଗ ନେଇ ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ପୋଲିସ ନଂ.୨୨୭/୨୦ରେ ମାମଲା ରୁଜୁ କରିଛି।

### କଂଗ୍ରେସ ପକ୍ଷରୁ କୃଷି ବିଲ୍‌କୁ ବିରୋଧ

ହିଞ୍ଜିଳିକାଟୁ, ୮।୧୦(ଡି.ଏନ.ଏ)- ହିଞ୍ଜିଳିକାଟୁ ବ୍ଲକ କିଷାନ କଂଗ୍ରେସ ପକ୍ଷରୁ ଗୁରୁବାର କେନ୍ଦ୍ର ସରକାରଙ୍କ କୃଷି ବିଲ୍‌କୁ ବିରୋଧ କରି ରାଲି ଓ ପ୍ରଦର୍ଶନ ହୋଇଛି। କିଷାନ କ୍ଷେତ ମଜଦୁର କଂଗ୍ରେସର ରାଜ୍ୟ ସମ୍ପାଦକ ପଦ୍ମ ଚରଣ ସାହୁଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସର ବହୁ କୃଷକ, ନେତା ଓ କର୍ମୀ ପୂର୍ବାହ୍ନରେ ହିଞ୍ଜିଳିକାଟୁ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରୁ ବାହାରି ସହର ପରିକ୍ରମା କରି ତହସିଲ ଅଫିସରେ ପହଞ୍ଚିଥିଲେ। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ଗତ ମୌସୁମୀ ଅଧିବେଶନରେ ସଂସଦରେ ପାରିତ ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର ଦାବି ହୋଇଛି। ଅନ୍ୟମାନଙ୍କ ମଧରେ ଗଞ୍ଜାମ ଜିଲା କୃଷକ ସେଲର ସଂଯୋଜକ ରାମ ନାରାୟଣ ବିଶ୍ୱାସରାୟ, ଦୀନବନ୍ଧୁ ସାବତ, ମନୋଜ ସ୍ୱାଇଁ, ରାମକୃଷ୍ଣ ପଣ୍ଡା, ପର୍ଶୁରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ରାସ୍ତା ସମସ୍ୟା ନେଇ ସ୍ମାରକପତ୍ର ପ୍ରଦାନ

ଗଞ୍ଜାମ,୮।୧୦(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ ଦଶଟୁଙ୍କି ୧୬ ନମ୍ବର ଜାତୀୟ ରାଜପଥ ମୟୁରପଦା ଛକରେ ଡିଭାଇଡର ମଧସ୍ଥ କଟ ପଏଣ୍ଟକୁ ବିଭାଗୀୟ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି। ଫଳରେ ମୟୁରପଦା, ନୀଳାଦ୍ରୀପୁର, ପୋଡ଼ମପେଟା ପ୍ରମୁଖ ଗ୍ରାମବାସୀ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ତିନି ଗ୍ରାମବାସୀ ଗୁରୁବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହାର ବିହିତ ପଦକ୍ଷେପ ନେବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତିନୋଟି ଗ୍ରାମରେ ପ୍ରାୟ ୫ ହଜାର ଲୋକ ବସବାସ କରୁଥିବା ବେଳେ ମେଡିକାଲ, ବ୍ଲକ, ହୁମ୍ମା ହାଟ, ରମ୍ଭା, ଗଞ୍ଜାମ, ହୁମ୍ମା ଆଦି ଅଞ୍ଚଳକୁ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା କରୁଛନ୍ତି। କିନ୍ତୁ ରାସ୍ତା ବନ୍ଦ ହେବାରୁ ସେମାନଙ୍କୁ ବହୁ ଅସୁବିଧା ହେଉଥିବା କହିଛନ୍ତି।

## କରୋନା ଯୋଦ୍ଧା କନ୍‌ଷ୍ଟେବଲଙ୍କ ଶେଷକୃତ୍ୟ

ବାଲିଗୁଡ଼ା,୮।୧୦(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି କୋର୍ଟରେ କାର୍ଯ୍ୟରତ କନଷ୍ଟେବଲ ବାଳି କହଁର (୫୩)ଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ଗତ ମାସ ୨୦ ତାରିଖରେ କରୋନା ସଂକ୍ରମିତ ହୋଇ ରାୟଗଡ଼ା ଜିଲା ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। କନ୍ଧମାଳ ଜିଲା ପୋଲିସ ପକ୍ଷରୁ ତାଙ୍କ ପାର୍ଥିବ ଶରୀରକୁ ବାଲିଗୁଡା ଥାନାକୁ ଅଣାଯାଇ କରୋନା ଯୋଦ୍ଧାଭାବେ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଥାନା ପରିସରରେ କନ୍ଧମାଳ ଏସ୍‌ପି ଭିନୀତ୍ ଅଗ୍ରୱାଲ, ବାଲିଗୁଡା ଉପଜିଲାପାଳ ଡା.ଶୁଭଙ୍କର ମହାପାତ୍ରଙ୍କ ସମେତ ମୃତ କନଷ୍ଟେବଲଙ୍କ ପରିବାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ କୋଭିଡ୍ ନିୟମ ପ୍ରକାରେ ବାଲିଗୁଡ଼ାଠାରୁ ୪ କି.ମି. ଦୂର ବ୍ଲୁଦୁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ, ବାଳିଙ୍କ ଘର ବୌଦ୍ଧ ଜିଲା ଗମ୍ଭାରିପଡାରେ। ୧୯୮୬ ମସିହାରେ ସେ କନ୍ଧମାଳ ଜିଲା ପୋଲିସରେ କନଷ୍ଟେବଲ ଭାବେ ଯୋଗଦେଇ ବିଭିନ୍ନ ଥାନାରେ କାର୍ଯ୍ୟ କରିଛନ୍ତି।

# ଘର ଘର ବୁଲି କରୋନା ଆକ୍ରାନ୍ତଙ୍କ ଚିକିତ୍ସା

ପାରଳାଖେମୁଣ୍ଡି,୮।୧୦(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ କରୋନା ଆକ୍ରାନ୍ତ ହୋଇ ଘରୋଇ ଆଇସୋଲେସନରେ ରହୁଥିବା ସଂକ୍ରମିତଙ୍କୁ ଘର ଘର ବୁଲି ଚିକିତ୍ସା ସହ ସହରର ବିଭିନ୍ନ ସାହି ବସ୍ତି, ଛକ ଆଦିରେ ଆଣ୍ଟିଜେନ ଟେଷ୍ଟିଂ କରାଯାଉଛି। ଗତ କିଛିଦିନ ହେଲା ଜିଲାରେ କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ଲକ୍ଷ୍ୟ କରାଯାଇଛି। ତଥାପି ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଆଣ୍ଟିଜେନ୍ ଟେଷ୍ଟ ମଧ ବୃଦ୍ଧି ହୋଇଛି। ଏହା ସହ ଘରୋଇ ଆଇସୋଲେସନରେ ରହୁଥିବା ସଂକ୍ରମିତଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଟିମ୍ ଗଠନ କରାଯାଇ ପ୍ରତି ଦିନ ଦୁଇବେଳା ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମ କରାଯାଉଛି। ଗୁରୁବାର ସହରର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପ୍ରସୂତୀକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଚିକିତ୍ସାଳୟକୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ପରିଜନ, ୧୪ନଂ. ୱାର୍ଡ ଅଞ୍ଚଳ ଆଦି ସ୍ଥାନଠାରେ ଆଣ୍ଟିଜେନ ଟେଷ୍ଟିଂ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଲୋକେ ସ୍ୱଇଚ୍ଛାରେ ଆସି ଟେଷ୍ଟ କରୁଥିବା ଲକ୍ଷ୍ୟ କରାଯାଇଛି। ଏହାକୁ ଲକ୍ଷ୍ୟକରି ଜିଲା ପ୍ରଶାସନ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଭ୍ରାମ୍ୟମାଣ ଟିମ୍ ଗଠନକରି ଟେଷ୍ଟିଂ ଜୋର୍‌ଦାର କରାଯାଇଛି।


ଆଣ୍ଟିଜେନ ଟେଷ୍ଟିଂ କରାଯାଉଛି।

### ଗଜପତିରୁ ୯ ପଜିଟିଭ ଚିହ୍ନଟ

ଗଜପତି ଜିଲାରୁ ଗୁରୁବାର ୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୪ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରପରିଷଦରୁ ୨ଜଣ, ମୋହନାରୁ ୨ଜଣ, ରାୟଗଡରୁ ୨ଜଣ, ଜିଲା ବାହାରୁ ୨ଜଣ ଏବଂ ଆନ୍ଧ୍ର ପ୍ରଦେଶରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ପଦଯାତ୍ରା

ହିଞ୍ଜିଳିକାଟୁ,୮।୧୦(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ହିଞ୍ଜିଳି ବ୍ଲକର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନେ ଗୁରୁବାର ପଦଯାତ୍ରା କରିଥିଲେ। କ୍ରାନ୍ତିକାରୀ କୃଷକ ସଭା ଗଞ୍ଜାମ ଜିଲା କମିଟି ପକ୍ଷରୁ ଆୟୋଜିତ ଏହି ପଦଯାତ୍ରା ବଡ଼ଖଣ୍ଡି ପଞ୍ଚାୟତ ଗୋପୀନାଥପୁରରୁ ବାହାରି ବ୍ଲକ କାର୍ଯ୍ୟାଳୟକୁ ଆସିଥିଲା। ସେଠାରେ ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ଦୈନିକ ମଜୁରୀ ୨୦୭ଟଙ୍କା, ସମସ୍ତ ଶ୍ରମିକଙ୍କୁ ୨ଶହ ଦିନର କାମ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ତର୍ଭୁକ୍ତ କରିବା, ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ବୋର୍ଡରେ ପଞ୍ଜୀକରଣ କରି ପରିଚୟ ପତ୍ର ପ୍ରଦାନ, ରାଶନ କାର୍ଡ ନ ଥିବା ଶ୍ରମିକ ପରିବାରକୁ ଖାଦ୍ୟ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ଏଥିରେ ରାଜ୍ୟ କ୍ରାନ୍ତିକାରୀ କୃଷକ ସଭାର ସମ୍ପାଦକ ଶଙ୍କର ସାହୁ ଯୋଗ ଦେଇଥିଲେ। ଜିଲା ମହିଳା ନେତ୍ରୀ ପି. ପାର୍ବତୀଙ୍କ ନେତୃତ୍ୱରେ କେ. ସରସ୍ୱତୀ, ବବି ଦାସ ପ୍ରମୁଖଙ୍କ ସହ ଶତାଧିକ ଶ୍ରମିକ ଯୋଗ ଦେଇଥିଲେ।

## ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବି

କାଶୀନଗର,୮।୧୦(ଡି.ଏନ୍.ଏ.)

କାଶୀନଗର ସିପିଆଇ (ଏମ୍) ପକ୍ଷରୁ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ଆଦାୟ ସ୍ଥଗିତ ରଖିବାକୁ ଦାବି କରାଯାଇଛି। ଦଳୀୟ କର୍ମୀମାନେ ରାଲିରେ ଯାଇ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଦିନକୁ ଦିନ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ବଢୁଥିବାବେଳେ ୨୦୦୮-୦୯ ପରଠାରୁ ବିତରଣକାରୀ କମ୍ପାନୀ ନୂତନ କର୍ମଚାରୀଙ୍କୁ ନିଯୁକ୍ତି ଦେଇନାହାନ୍ତି। ଠିକା କର୍ମଚାରୀ ନିୟମିତଙ୍କ କାମ କରୁଥିଲେ ମଧ ସେମାନଙ୍କୁ ସ୍ଥାୟୀ କରାନଯିବା କ୍ଷୋଭର ବିଷୟ। ବିଦ୍ୟୁତ୍ କ୍ରୟ ଖର୍ଚ୍ଚ ୟୁନିଟ୍ ପିଛା ୨ଟଙ୍କା ୮୮ପଇସା ପଡୁଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁ ୟୁନିଟ୍ ପିଛା ୭ଟଙ୍କା ୫୦ ପଇସା ହେବ। ସାଧାରଣ ଲୋକେ କରୋନା କଟକଣା ଯୋଗୁ ହନ୍ତସନ୍ତ ହେଉଥିବାବେଳେ ବିଦ୍ୟୁତ୍ ନିୟାମକ ଆୟୋଗର ଜନଶୁଣାଣୀ ନହୋଇ ଏକତରଫା ଶୁଳ୍କ ବୃଦ୍ଧି ଜନତାଙ୍କ ପ୍ରତି ବିଶ୍ୱାସଘାତକତା। ତେଣୁ ଅକ୍ଟୋବର ୧ରୁ ଲାଗୁ ହେବାକୁ ଥିବା ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି ସ୍ଥଗିତ ରଖାଯାଉ। ନାଗେଶ୍ୱର ଶବର, ସଞ୍ଜୀବ କେ. କାର୍ତ୍ତିକ ଶବର, କେ. ସୋମେଶ ପ୍ରଭୃତି ଦଳୀୟ କର୍ମକର୍ତ୍ତା ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।



ସିପିଆଇ କର୍ମୀମାନେ ରାଲିରେ ଯାଉଛନ୍ତି।

# ଧରାକୋଟରେ ଏସ୍‌ବିଆଇ ଶାଖା ବନ୍ଦ

ଧରାକୋଟ,୮।୧୦(ଡି.ଏନ.ଏ.)

ଧରାକୋଟସ୍ଥିତ ଏସ୍‌ବିଆଇର ଶାଖା ପରିଚାଳକ କୋଭିଡ୍‌ରେ ଆକ୍ରାନ୍ତ ହେବା ପରେ ବ୍ୟାଙ୍କକୁ ସିଲ୍ କରି ଦିଆଯାଇଛି। ଗତ ୧ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ କରାଯାଇଥିବା ଜଣେ କର୍ମଚାରୀ କହିଛନ୍ତି। ସରକାରୀ ନିୟମ ପ୍ରକାରେ, ବ୍ୟାଙ୍କକୁ ମିନି କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ଏହାର ଉଭୟ ପାର୍ଶ୍ୱରେ ୫୦ ମିଟର ପର୍ଯ୍ୟନ୍ତ ବ୍ୟାରିକେଡ୍ ନିର୍ମାଣ କରାଯିବା କଥା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାରିକେଡ୍ ନିର୍ମାଣ ହୋଇ ନ ଥିବା ବେଳେ କେତେଦିନ ଯାଏ ବ୍ୟାଙ୍କ ବନ୍ଦ ରହିବ ସେ ସମ୍ପର୍କରେ କୌଣସି ସୂଚନା ଫଳକ ମଧ ଲଗାଯାଇନାହିଁ। ୮ ଦିନ ହେଲା ବ୍ୟାଙ୍କ ବନ୍ଦ ରହିବା ଯୋଗୁ ଧରାକୋଟ ବ୍ଲକରେ ୧୮ଟି ପଞ୍ଚାୟତର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଧରାକୋଟ ତହସିଲଦାର କବିରାଜ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ମୋର କ୍ଷମତାର ପରିସରଭୁକ୍ତ ନୁହେଁ। ମୁଁ ଭଞ୍ଜନଗର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି। ସେହିପରି ଧରାକୋଟ ବିଡିଓ ବିବୁଧ ଗଡ଼ନାୟକଙ୍କୁ ପଚାରିବାରୁ ମୁଁ ଭଞ୍ଜନଗର ଉପଜିଲାପାଳଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବି ବୋଲି କହିଥିଲେ। ଅନ୍ୟପଟେ କୋଭିଡ୍ ନାଁରେ ବ୍ୟାଙ୍କ୍ ବାହାରେ ତାଲା ଝୁଲୁଥିବା ବେଳେ ଭିତରେ କର୍ମଚାରୀମାନେ କିପରି କାର୍ଯ୍ୟ କରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବ୍ୟାଙ୍କ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିଥିବାରୁ ଗ୍ରାହକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

## ଦୁର୍ଗାପୂଜା ଲାଗି ଶୁଭ ଖୁଣ୍ଟି ସ୍ଥାପନ

ଆର.ଉଦୟଗିରି, ୮।୧୦ (ଡି.ଏନ.ଏ.)

ଆର.ଉଦୟଗିରି ଜଗନ୍ନାଥ ଓ ମାଣିକେଶ୍ୱରୀ ମନ୍ଦିର ସମ୍ମୁଖରେ ମା' ଦୁର୍ଗାଙ୍କ ପୂଜା ଲାଗି ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। କରୋନା କଟକଣା ଯୋଗୁ ସରକାରଙ୍କ ନିୟମ ଅନୁସାରେ ପୂଜା କରିବାକୁ ଆର.ଉଦୟଗିରି ପୂଜା କମିଟି ନିଷ୍ପତ୍ତି ନେଇଥିବା ବେଳେ ଚାରି ଫୁଟ ମଧ୍ୟରେ ମା'ଙ୍କ ପ୍ରତିମୂର୍ତ୍ତି କରି ନିରାଡ଼ମ୍ବର ଭାବେ ପୂଜା କରିବାକୁ ନିଷ୍ପତ୍ତି ନେଇଛି। ଆର.ଉଦୟଗିରି ପୂଜା କମିଟି ଓ ସହରବାସୀ ଶୁଭ ଖୁଣ୍ଟି ସ୍ଥାପନ ବେଳେ ଉପସ୍ଥିତ ଥିଲେ। ଗୌର ମିଶ୍ର, ନିତେଇ ମିଶ୍ର, ରଞ୍ଜନ ମିଶ୍ର ଓ ମିହିର ଦାସ ଶର୍ମା ପ୍ରମୁଖ ଯୋଗଦେଇ ପୂଜାକାର୍ଯ୍ୟ କରିଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପିଡି

ଶେରଗଡ,୮।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଗୁରୁବାର ଶେରଗଡ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ବ୍ଲକରେ ପହଞ୍ଚି ସ୍ଥିତି ପରଖିବା ପରେ ଯନ୍ତ୍ରୀ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ, ଜାତୀୟ ଜୀବିକା ମିଶନ କର୍ମକର୍ତ୍ତାଙ୍କୁ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରିଥିଲେ। ଏହାସହ କାମର ସ୍ୱଚ୍ଛତା ଦିଗରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ମାସ ମଧ୍ୟରେ ୧୨ ଲକ୍ଷ କାର୍ଯ୍ୟ ଦିବସ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପର୍ଯ୍ୟନ୍ତ ୫ ଲକ୍ଷ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଥିବାବେଳେ ଆଉ ୬ ମାସ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଗୁରୁତ୍ୱ ଦେବାକୁ ଯନ୍ତ୍ରୀମାନଙ୍କୁ କହିଥିଲେ। ପ୍ରତି ପଞ୍ଚାୟତରେ କାର୍ଯ୍ୟଦିବସ ବଢାଇବାକୁ ରଣନୀତି ପ୍ରସ୍ତୁତ ନେଇ ଆଲୋଚନା କରିଥିଲେ। ଗସ୍ତ ସମୟରେ ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହୀନ୍ଦ୍ର କୁମାର ଷଡଙ୍ଗୀ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ସମତେ ଜୀବିକା ମିଶନ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଅମାନିଆଙ୍କୁ ଜରିମାନା

ବୁଗୁଡ଼ା,୮।୧୦(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସିରେ କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା କେତେଜଣ ଲୋକଙ୍କ ଠାରୁ ଗୁରୁବାର ଏନ୍‌ଏସି ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ଅଧିକାଂଶ ଲୋକ କଟକଣା ନ ମାନିବାରୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ଏବଂ ପୋଲିସ ପ୍ରଶାସନ ମିଳିତ ଭାବେ ସ୍ଥାନୀୟ ମଦମୋହନ ଛକଠାରେ ଯାଞ୍ଚ କରାଯାଇଥିଲା। ମାସ୍କ ପିନ୍ଧିନଥିବା କେତେକ ଅମାନିଆଙ୍କଠାରୁ ୭ ହଜାର ଟଙ୍କା ଜରିମାନା ଆଦାୟ କରଯିବା ସହ ବ୍ୟବସାୟୀଙ୍କୁ ପଞ୍ଚସୂତ୍ରୀ ନିୟମ ମାନିବାକୁ ପରାମର୍ଶ ଦିଆଯାଇଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦଳିତ ମଞ୍ଚର ଦାବିପତ୍ର

ବ୍ରହ୍ମପୁର ଅଫିସ,୮।୧୦

### ଗଣ ବଳାତ୍କାର ରୋକିବା, ଗଣତନ୍ତ୍ର ସୁରକ୍ଷା ଦାବି

ଦେଶରେ ଗଣବଳାତ୍କାର ରୋକିବା ଓ ଗଣତନ୍ତ୍ରର ସୁରକ୍ଷା ନେଇ ଗଞ୍ଜାମ ଜିଲା ଦଳିତ ମଞ୍ଚ ଦାବି କରିଛି । ଏହାର ପ୍ରତିବାଦରେ ଗୁରୁବାର ମଞ୍ଚ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଛି। ବୃଦ୍ଧି ପାଉଥିବା ଗଣ ବଳାତ୍କାର ରୋକିବା ଦିଗରେ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି. କିର୍ତ୍ତୀଭାସନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉତ୍ତରପ୍ରଦେଶ ହାଥରସରେ ଦଳିତ ନାବାଳିକା ଗଣବଳାତ୍କାର ଭଳି ରାଜ୍ୟରେ ବୃଦ୍ଧି ପାଉଥିବା ଅନ୍ୟ ଘଟଣା ହ୍ରାସ କରିବା ନେଇ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ମଞ୍ଚ ଦାବି କରିଛି। ସମ୍ପୃକ୍ତ ଦୋଷୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ମଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛି । ବିକ୍ଷୋଭ ତଥା ପ୍ରତିବାଦ ସମାବେଶରେ ମଧୁସୂଦନ ସେଠୀ, ଅବନୀ ଗୟା, ଚିନ୍ତାମଣି ନାୟକ, ଗଗନ ମଲ୍ଲିକ, ଶ୍ରୀନିବାସ ରାଓ, ବାବାଜୀ ନାୟକ, କବିରାଜ ପଲେଇ ଓ କାହ୍ନୁ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।



ଗଞ୍ଜାମ ଜିଲା ଦଳିତ ମଞ୍ଚର ପ୍ରତିବାଦ।

# ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

ବ୍ରହ୍ମପୁର ଅଫିସ,୮।୧୦

ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଗଞ୍ଜାମ ଜିଲାସ୍ତରୀୟ ୬୬ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଛି । ଏଥିରେ ଆଞ୍ଚଳିକ ମୁଖ୍ୟ ବନ୍ୟ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଳାନ କୁମାର ନାୟକ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରୀ, ଅବସରପ୍ରାପ୍ତ ଏସିଏଫ ତ୍ରିନାଥ ପଟ୍ଟନାୟକ, ଏସିଏଫ ଅଶୋକ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେଉଥିବା ବ୍ୟକ୍ତିବିଶେଷ ଓ ସଂଗଠନଗୁଡିକୁ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ଏବଂ ସବ୍ ଡିଭିଜନାଲ ୱାଇଲ୍ଡଲାଇଫ କନଜରଭେସନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ନେକ ହେଲ୍ପଲାଇନ ସଦସ୍ୟ ସ୍ୱାଧୀନ କୁମାର ସାହୁ, ମହେଶ୍ୱର ବରାଳ ଓ ଦିଲୀପ କୁମାର ସାହୁଙ୍କୁ ସବ ଡିଭିଜନାଲ ୱାଇଲ୍ଡ ଲାଇଫ କନଜରଭେସନ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି କନିଷି ବାଲାଜୀ ବିଦ୍ୟାପୀଠ, ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ, ଛତ୍ରପୁର ଅନ୍‌ସ୍ଲୋ ହାଇସ୍କୁଲ , ହିଞ୍ଜିଳିକାଟୁ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ୧୨ ଶିକ୍ଷାନୁଷ୍ଠାନକୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡ. ରାମକୃଷ୍ଣ ସାହୁ , ଗୀତାଞ୍ଜଳି ତ୍ରିପାଠୀ, ଖଦାଳ ନାୟକଙ୍କ ସମେତ ୧୧ ଜଣଙ୍କୁ ପ୍ରକୃତିବନ୍ଧୁ ସମ୍ମାନ ମିଳିଛି। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବନପାଳ, ବନରକ୍ଷୀ ଓ ପରିବେଶବିତ୍ ଉପସ୍ଥିତ ଥିଲେ।

## ସାଇ ଗୁରୁକୁଳକୁ ପ୍ରକୃତିମିତ୍ର ପୁରସ୍କାର

ଭଞ୍ଜନଗର,(ଡି.ଏନ.ଏ)

ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି । ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ଶୁଳପାଣି ଶତପଥୀ ଓ ଚେୟାରମ୍ୟାନ୍ ଅଜିତ ଶତପଥୀ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ଭଞ୍ଜନଗର ଏନ୍‌ଏସିର ସ୍ୱଚ୍ଛସାଥୀ ଗୀତାଞ୍ଜଳି ତ୍ରିପାଠୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି । ଆରସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ ।



ସାଇ ଗୁରୁକୁଳ ଚେୟାରମ୍ୟାନ୍ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରୁଛନ୍ତି ।

